# NATIONAL NEWS BULLETIN (ODIA)
## 19th July - 2024
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ମାଇକ୍ରୋସଫ୍ଟ ସଫ୍ଟୱେୟାର ଅଚଳ ହୋଇଯିବା ଫଳରେ ଭାରତ ସମେତ ବିଶ୍ୱର କେତେକ ଦେଶରେ ବିଭିନ୍ନ ସେବା ବାଧାପ୍ରାପ୍ତ ।

— ଏନେଇ ମାର୍ଗଦର୍ଶିକା ଜାରି କଲା ଭାରତୀୟ ରିଜର୍ଭ ବ୍ୟାଙ୍କ୍ ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ପ୍ରଦାନ କଲେ ବିଶିଷ୍ଟ ସେବା ପୁରସ୍କାର ।

- ପ୍ରତିରକ୍ଷା ଏବଂ ଯୁଦ୍ଧକ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ବିକାଶ ଯୋଗୁଁ ବାୟୁସେନାର ଦାୟିତ୍ୱ ବୃଦ୍ଧି ପାଇଛି; କହିଲେ ବାୟୁସେନା ଉପମୁଖ୍ୟ ।

- ଚାଷରେ ରାସାୟନିକ ସାର ବ୍ୟବହାର ନ କରି ମଧ୍ୟ ଉତ୍ପାଦନ ହାର ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇପାରିବ ବୋଲି କହିଲେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ।

ଏବଂ

- ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ ଆଇଡେଣ୍ଟିଫିକେସନ - କୀର୍ତ୍ତିର ଦ୍ୱିତୀୟ ପର୍ଯ୍ୟାୟକୁ ଉଦ୍‌ଘାଟନ କଲେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ।

## ୱାର୍ଲଡ୍‌ୱାଇଡ୍ - ଆଇ.ଟି. ଆଉଟେଜ୍

ବିଶ୍ୱର କେତେକ ଦେଶରେ ମାଇକ୍ରୋସଫ୍ଟ ସଫ୍ଟୱେୟାର ଅଚଳ ହୋଇଯିବା ଫଳରେ ବିଭିନ୍ନ ବ୍ୟାବସାୟିକ ସଂସ୍ଥା, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଏବଂ ଆନ୍ତର୍ଜାତିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି । ଭାରତରେ ଇଣ୍ଡିଗୋ, ଆକାଶ ଏବଂ ସ୍ପାଇସ୍‌ଜେଟ୍ ଏୟାର୍‌ଲାଇନ୍‌ସ୍‌ର ସେବା ଯୋଗାଣରେ ବ୍ୟାହତ ସୃଷ୍ଟି ହୋଇଛି । ଆଜି ସକାଳଠାରୁ ମାଇକ୍ରୋସଫ୍ଟ ସଫ୍ଟୱେୟାର ବ୍ୟବସ୍ଥାର ତ୍ରୁଟି ପରିଲକ୍ଷିତ ହେବା ଫଳରେ ଦେଶରେ ଏହି ସେବାଯୋଗାଣ ସଂସ୍ଥାଗୁଡ଼ିକରେ ସମସ୍ୟା ସୃଷ୍ଟି ହୋଇଛି । ତେବେ ମାଇକ୍ରୋସଫ୍ଟ ସହ ଯୋଗାଯୋଗ କରି ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାପାଇଁ ପ୍ରୟାସ ଜାରି ରହିଛି । ମୁମ୍ବାଇ ଏବଂ ଦିଲ୍ଲୀ ବିମାନ ବନ୍ଦରରେ ସବୁଠାରୁ ଅଧିକ ଅଚଳାବସ୍ଥା ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି ।

ଯୁକ୍ତରାଷ୍ଟ୍ର ଆମେରିକାର ବିଭିନ୍ନ ବିମାନବନ୍ଦରରେ ମଧ ବିମାନ ଉଡ଼ାଣକୁ ବାତିଲ୍ କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ପର୍ଯ୍ୟବସିତ ଏହି ସାଇବର

ନିରାପତ୍ତାରେ ତ୍ରୁଟି ଦେଖାଦେବା ଯୋଗୁଁ ଭାରତ ତଥା ସମଗ୍ର ବିଶ୍ୱରେ ଏହି ଅଚଳାବସ୍ଥା ଦେଖାଦେଇଛି । ତେବେ କମ୍ପାନୀ ପକ୍ଷରୁ କୁହାଯାଇଛି, ଇଞ୍ଜିନିୟରମାନେ ଏହି ସମସ୍ୟାର ସମାଧାନ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି । ନିଉଜିଲାଣ୍ଡ ଏବଂ ଜାପାନରେ ମଧ୍ୟ ଏହି ଅବ୍ୟବସ୍ଥା ଦେଖାଦେଇଛି ।

ଇତିମଧ୍ୟରେ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ସମସ୍ୟାର ସମାଧାନପାଇଁ ତାଙ୍କ ମନ୍ତ୍ରଣାଳୟ ମାଇକ୍ରୋସଫ୍ଟ ଏବଂ ଏହାର ସହଯୋଗୀ ସଂସ୍ଥାଗୁଡ଼ିକ ସହ ଯୋଗାଯୋଗରେ ରହିଛି । ଏହି ତ୍ରୁଟିର କାରଣ ଚିହ୍ନଟ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର ସମାଧାନର ପନ୍ଥା ବାହାରିବ ବୋଲି ସେ କହିଛନ୍ତି । ତେବେ ଦେଶର ଏନ୍.ଆଇ.ସି. ନେଟ୍ୱାର୍କ ଏହାଦ୍ୱାରା ପ୍ରଭାବିତ ହୋଇ ନାହିଁ ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

ଅପରପକ୍ଷରେ ମାଇକ୍ରୋସଫ୍ଟରେ ଦେଖାଦେଇଥିବା ତ୍ରୁଟି ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କ୍ କହିଛି, ଏଥିଯୋଗୁଁ ଦେଶର ୧୦ଟି ବ୍ୟାଙ୍କ୍ ଏବଂ ଏନ୍.ବି.ଏଫ୍.ସି. ସେବା ବାଧାପ୍ରାପ୍ତ ହୋଇଛି । ତେବେ ଖୁବ୍‌ଶୀଘ୍ର ଏହି ତ୍ରୁଟିର ସମାଧାନ କରାଯାଉଛି ବୋଲି ଆର୍.ବି.ଆଇ. ପକ୍ଷରୁ କୁହାଯାଇଛି । ଏହି ଅବସରରେ ଆର୍.ବି.ଆଇ. ଆଜି ଏକ ମାର୍ଗଦର୍ଶିକା ଜାରି କରି ଉଲ୍ଲେଖ କରିଛି, ସମସ୍ତ ଆର୍ଥିକ ସଂସ୍ଥା ସତର୍କ ରହିବା ସହ ଆର୍ଥିକ ନେଣଦେଣ ଯେପରି ଚାଲୁ ରହିବ, ସେଥିପ୍ରତି ପଦକ୍ଷେପ ଗ୍ରହଣ କରିବେ ।

# କେମିକାଲ୍ ଫର୍ଟିଲାଇଜର୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ଚାଷରେ ରାସାୟନିକ ସାର ବ୍ୟବହାର ନ କରି ମଧ୍ଯ ଉତ୍ପାଦନ ହାର ଯଥେଷ୍ଟ ପରିମାଣରେ ବୃଦ୍ଧି କରାଯାଇପାରିବ । ଲକ୍ଷ୍ନୌରେ ପ୍ରାକୃତିକ କୃଷି ବିଜ୍ଞାନ ଉପରେ ଆଧାରିତ ଆଞ୍ଚଳିକ ପରାମର୍ଶ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ଚୌହାନ କହିଛନ୍ତି, କେନ୍ଦ୍ର ସରକାର ପ୍ରାକୃତିକ କୃଷିପାଇଁ ସର୍ବଭାରତୀୟ ସ୍ତରରେ ସଚେତନତା ଅଭିଯାନ ଆରମ୍ଭ କରିବେ । ଆମ ସମ୍ବାଦଦାତା କହିଛନ୍ତି, କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ଚୌହାନ କୃଷକମାନଙ୍କୁ ପ୍ରାକୃତିକ ଚାଷ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ପ୍ରାରମ୍ଭିକ ଦୁଇ ବର୍ଷ ପାଇଁ ଉତ୍ପାଦନ କମ୍ ରହିବ । ତେଣୁ ସରକାର ପ୍ରାକୃତିକ ଚାଷପାଇଁ ପ୍ରଥମ ୩ ବର୍ଷରେ ରିହାତି ପ୍ରଦାନ କରିବେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସରକାର କୃଷକମାନଙ୍କୁ ପ୍ରାକୃତିକ ଚାଷପାଇଁ ପ୍ରମାଣପତ୍ର ମଧ୍ଯ ପ୍ରଦାନ କରିବେ । ତେବେ କୃଷକମାନେ ମଧ୍ଯ ସେମାନଙ୍କ ଉତ୍ପାଦନପାଇଁ ଉପଯୁକ୍ତ ମୂଲ୍ୟ ପାଇବେ । ସେ କହିଛନ୍ତି, ଆମର ଲକ୍ଷ୍ୟ ହେଉଛି ମୁକ୍ତ ଚାଷ ଉପରେ ଧ୍ୟାନ ଦେବା । ଏହା କେବଳ ଚାଷର ଖର୍ଚ୍ଚକୁ ହ୍ରାସ କରିବ ନାହିଁ, ବରଂ ସ୍ୱାସ୍ଥ୍ୟପାଇଁ ମଧ୍ଯ ଏହା ଲାଭଦାୟକ ହେବ ।

ଏଥିରେ ଯୋଗଦେଇ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କ ଅଭିଭାଷଣରେ କହିଥିଲେ, ପ୍ରାକୃତିକ ଚାଷ ଏବଂ ଜୈବିକ ଚାଷ ଦୁଇଟି ଭିନ୍ନ ଜିନିଷ ଏବଂ ଏହି ପାର୍ଥକ୍ୟକୁ ଆମେମାନେ ବୁଝିବା ଆବଶ୍ୟକ ।

ଏହି ଅବସରରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ରାଜ୍ୟରେ ପ୍ରାକୃତିକ କୃଷିର ଉତ୍ପାଦକୁ ପ୍ରୋତ୍ସାହିତ କରିବାପାଇଁ ପଦକ୍ଷେପ ନିଆଯାଉଛି ।

## ପ୍ରେଜ୍ - ଆୱାର୍ଡ୍

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ Defence Investiture Ceremony-2024ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ବିଶିଷ୍ଟ ସେବା ପୁରସ୍କାର ପ୍ରଦାନ କରିଛନ୍ତି । ଏହି ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ପ୍ରମୁଖ ଉପସ୍ଥିତ ଥିଲେ ।

## ପି.ଏମ୍. - ମୋଦି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମେକ୍ ଇନ୍ ଇଣ୍ଡିଆ', 'ମେକ୍ ଫର୍ ଦ ୱାର୍ଲଡ୍' ଲକ୍ଷ୍ୟକୁ ସାକାର କରିବା ଦିଗରେ ପ୍ରମୁଖ ପ୍ରତିରକ୍ଷା କମ୍ପାନୀ ଲକ୍‌ହିଡ୍

ମାର୍ଟିନ୍'ର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ଲକ୍‌ହିଡ୍ ମାର୍ଟିନ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିନ୍ ଟାଇକ୍ଲେଟ୍ ଗତକାଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ଭେଟିଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି କହିଛନ୍ତି, ଭାରତ-ଆମେରିକା ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଶିଳ୍ପ ସହଯୋଗରେ ଲକ୍‌ହିଡ୍ ମାର୍ଟିନ୍ ଏକ ପ୍ରମୁଖ ଅଂଶୀଦାର ଭାବେ ଉଭା ହୋଇଛି ।

## ଏୟାର ଫୋର୍ସ

ବାୟୁସେନା ଉପମୁଖ୍ୟ ଏୟାର ମାର୍ଶାଲ୍ ଅମରପ୍ରୀତ୍ ସିଂହ କହିଛନ୍ତି, ପ୍ରତିରକ୍ଷା ଏବଂ ଯୁଦ୍ଧ କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ବିକାଶ ଯୋଗୁଁ ବାୟୁସେନାର ଦାୟିତ୍ୱ ବୃଦ୍ଧି ପାଇଛି । ଏୟାର୍ ଆଣ୍ଡ ମିଜାଇଲ୍ ଡିଫେନ୍‌ସ ଇଣ୍ଡିଆ ସେମିନାର ଏବଂ ପ୍ରଦର୍ଶନୀ-୨୦୨୪ରେ ଉଦ୍‌ଘାଟନୀ ଅଭିଭାଷଣ ଦେଇ ଶ୍ରୀ ସିଂହ କହିଛନ୍ତି, ବାୟୁସେନା ବର୍ତ୍ତମାନ ବିଭିନ୍ନ ବାହିନୀରେ ଏକ ଶକ୍ତିଗୁଣକ । ତେଣୁ ଏହାର ପ୍ରତ୍ୟେକଟି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବିକାଶ ସହିତ ସମନ୍ୱୟ ରଖିବାକୁ ପଡ଼ିବ । ସେ ଆହୁରି ମଧ୍ୟ କହିଛନ୍ତି, ଏଥିରେ ଯୋଗାଯୋଗ ଏବଂ ତଥ୍ୟ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ପ୍ରତିରକ୍ଷା ବାହିନୀରେ ଏକ ଦୃଢ଼ ଏବଂ ବହୁମୁଖୀ ସୁରକ୍ଷା ବ୍ୟବସ୍ଥା ରହିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏହି କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳ ହେବାର ଆବଶ୍ୟକତା

ଉପରେ ମଧ୍ୟ ଶ୍ରୀ ସିଂହ ଆଲୋକପାତ କରିଥିଲେ । ଏହାର ଗୁଣବତ୍ତାରେ କୌଣସି ପ୍ରକାର ସାଲିସ କରାଯିବା ଉଚିତ ନୁହେଁ ବୋଲି ଶ୍ରୀ ସିଂହ ଚେତାବନୀ ଦେଇ କହିଥିଲେ ।

## ବି.ଜେ.ପି. - ଆସେମ୍ବ୍ଲି ଇଲେକ୍ସନ୍

ଭାରତୀୟ ଜନତା ପାର୍ଟି ନିଜର ସହଯୋଗୀ ଦଳଗୁଡ଼ିକ ସହିତ ଆଗାମୀ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନିଷ୍ପତ୍ତି ନେଇଛି । ମୁମ୍ବାଇଠାରେ ଗତକାଲି ରାତିରେ ରାଜ୍ୟ କୋର୍ କମିଟି ବୈଠକ ପରେ ବି.ଜେ.ପି. ରାଜ୍ୟ ପ୍ରଭାରୀ ଭୁପେନ୍ଦର ଯାଦବ ଏବଂ ଉପ-ପ୍ରଭାରୀ ଅଶ୍ୱିନୀ ବୈଷ୍ଣବ ଏହି ଘୋଷଣା କରିଛନ୍ତି । ବୈଠକରେ ଆଗାମୀ ବିଧାନସଭା ନିର୍ବାଚନପାଇଁ ରଣନୀତି, ଆସନ ବଣ୍ଟନ ଏବଂ ମେଣ୍ଟ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା । ଦୁଇ ନେତା ରାଜ୍ୟ ୟୁନିଟ୍‌ର ସହଯୋଗୀମାନଙ୍କ ସହିତ ସମନ୍ୱୟ ସ୍ଥାପନ କରିବା ସହ ବିଗତ ଲୋକସଭା ନିର୍ବାଚନରେ ହୋଇଥିବା ତ୍ରୁଟିଗୁଡ଼ିକୁ ସୁଧାରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଅନୁପ୍ରିୟା - ଫାମିଲି ପ୍ଲାନିଙ୍ଗ୍

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ କହିଛନ୍ତି, ଦେଶରେ ମାତୃ ମୃତ୍ୟୁହାର ହ୍ରାସ କରିବାପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ଦେଶରେ ୧ ଲକ୍ଷ ପ୍ରସୂତୀଙ୍କ ମଧ୍ୟରୁ ମାତୃ ମୃତ୍ୟୁହାର ୭୦କୁ ହ୍ରାସ କରିବାପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି । ଏଥିପାଇଁ ଜନସଂଖ୍ୟା ନିୟନ୍ତ୍ରଣକୁ ସରକାର ଗୁରୁତ୍ୱ ଦେଉଛନ୍ତି । ପ୍ରତ୍ୟେକ ମହିଳାମାନଙ୍କ ଜୀବନ ମୂଲ୍ୟବାନ୍ ଏବଂ ମାତୃ ମୃତ୍ୟୁହାର ହ୍ରାସ କରିବାକୁ ଏ ଦିଗରେ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ପରିବାର ନିୟନ୍ତ୍ରଣ ଯୋଜନା ବୈଠକରେ ଅଧ୍ୟକ୍ଷତା କରି ରାଷ୍ଟ୍ରମନ୍ତ୍ରୀ ବିଶେଷଜ୍ଞମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ଫରେନ୍ ସେକ୍ରେଟାରୀ

ପୂର୍ବତନ ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଆମେରିକାରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହୋଇଛନ୍ତି । ୧୯୮୮ ବ୍ୟାଚ୍‌ର ଏହି ଆଇ.ଏଫ୍.ଏସ୍. ଅଧିକାରୀ ଶ୍ରୀ କ୍ୱାତ୍ରା ଖୁବ୍ ଶୀଘ୍ର ଏହି ଦାୟିତ୍ୱ

ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ତତ୍କାଳୀନ ରାଷ୍ଟ୍ରଦୂତ ତରଣ ଜିତ୍ ସିଂହ ସାନ୍ଧୁଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା ।

## ଜେ.କେ. - ଗ୍ରେନେଡ୍ ଡିଫ୍ୟୁଜ୍ଡ୍

ଜମ୍ମୁ-କାଶ୍ମୀରର ପୁଞ୍ଚ ଜିଲ୍ଲାର ଏକ ସରକାରୀ କୋଠାର ଛାତ ଉପରେ ବୋମା ନିଷ୍କ୍ରିୟକାରୀ ଦଳ ଏକ ଜୀବନ୍ତ ଗ୍ରେନେଡ୍‌କୁ ନିଷ୍କ୍ରିୟ କରିଛନ୍ତି । ଏହି ଗ୍ରେନେଡ୍ ଚିହ୍ନଟ ହେବା ପରେ ଆଖପାଖ ଅଞ୍ଚଳର ସରକାରୀ ଆବାସରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି । କିଛି ଛୋଟ ପିଲା ଛାତ ଉପରେ ଖେଳୁଥିବା ସମୟରେ ଏହି ଗ୍ରେନେଡ୍‌କୁ ଦେଖିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଆଖପାଖ ଅଞ୍ଚଳକୁ ପୁଲିସ୍ ଘେରାଉ କରି ରଖିବା ସହ ଅଧିକ ତଦନ୍ତ ଜାରି ରହିଛି ।

## ମାଣ୍ଡବ୍ୟ - ସ୍ପୋର୍ଟସ୍

ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀରେ 'ଖେଲୋ ଇଣ୍ଡିଆ ରାଇଜିଂ ଟ୍ୟାଲେଣ୍ଟ୍ ଆଇଡେଣ୍ଟିଫିକେସନ୍' -

କୀର୍ତି'ର ଦ୍ୱିତୀୟ ପର୍ଯ୍ୟାୟକୁ ଉଦ୍‌ଘାଟନ କରିଛନ୍ତି । ଆଧୁନିକ ଆଇ.ସି.ଟି. ଉପକରଣ ଏବଂ ବୈଶ୍ୱିକ ସର୍ବୋତ୍ତମ ଅଭ୍ୟାସ ଉପରେ ଆଧାରିତ ସମନ୍ୱିତ ପ୍ରତିଭା ଚିହ୍ନଟ ସହିତ ସେମାନଙ୍କର ବିକାଶ କରିବାପାଇଁ କୀର୍ତିର ପରିକଳ୍ପନା କରାଯାଇଛି । ଏବେ ଗୋଟିଏ ମଞ୍ଚରେ ତୃଣମୂଳ ସ୍ତରରେ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା ହେଉଛି ଏହାର ମୂଳଲକ୍ଷ୍ୟ । ଏହି ଅବସରରେ ଶ୍ରୀ ମାଣ୍ଡବ୍ୟ କହିଥିଲେ, କୀର୍ତ୍ତି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି, ସହର, ଗ୍ରାମାଞ୍ଚଳ, ଆଦିବାସୀ ଏବଂ ହିମାଳୟ ଅଞ୍ଚଳରୁ କ୍ରୀଡ଼ା ପ୍ରତିଭାଙ୍କ ସନ୍ଧାନ କରିବା । ସେ କହିଥିଲେ, ନରେନ୍ଦ୍ର ମୋଦି ସରକାରଙ୍କର ତୃତୀୟ କାର୍ଯ୍ୟକାଳର ପ୍ରଥମ ୧୦୦ ଦିନ ମଧ୍ୟରେ କେନ୍ଦ୍ର ସରକାର ୧ ଲକ୍ଷ କ୍ରୀଡ଼ା ପ୍ରତିଭାଧରମାନଙ୍କୁ ଚିହ୍ନଟ କରିବେ । ପ୍ରତିଭାମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ମାଣ୍ଡବ୍ୟ କହିଥିଲେ । ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଅନୁଯାୟୀ ଦେଶର ପ୍ରତ୍ୟେକ ଶିଶୁଙ୍କ ନିକଟରେ କ୍ରୀଡ଼ାକୁ ପହଞ୍ଚାଇବା ସହିତ 'ଖେଲୋ ଇଣ୍ଡିଆ'ର ସଂରକ୍ଷିତ ପିରାମିଡ୍ କାର୍ଯ୍ୟକ୍ରମ ଜରିଆରେ ଉତ୍କର୍ଷତା ହାସଲ କରିବା ହେଉଛି ଏହାର ଅନୁରୂପ ଲକ୍ଷ୍ୟ । ଏହାପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ଚଣ୍ଡୀଗଡ଼ରେ କୀର୍ତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ଏହି ପର୍ଯ୍ୟାୟରେ ୭୦ଟି କେନ୍ଦ୍ରରେ ୩ ଲକ୍ଷ ୬୨ ହଜାର ୬୮୩ ଜଣଙ୍କୁ ପଞ୍ଜୀକରଣ କରାଯାଇଥିଲା । ୧୧ଟି ବିଭାଗରେ ଆକାଂକ୍ଷୀ କ୍ରୀଡ଼ାବିତ୍‌ମାନଙ୍କର ମୂଲ୍ୟାଙ୍କନ କରାଯାଇଥିଲା । ସେଗୁଡ଼ିକ ହେଉଛି – ତୀରନ୍ଦାଜ୍, ଆଥ୍‌ଲେଟିକ୍ସ,

ବ୍ୟାଡ୍‌ମିଣ୍ଟନ, ବକ୍ସିଂ, ଫୁଟ୍‌ବଲ୍, ହକି, କବାଡ଼ି, ଖୋ ଖୋ, ଭଲିବଲ୍ ଏବଂ କୁସ୍ତି ।

*****